# NATIONAL NEWS BULLETIN (ODIA)

## 9 November - 2024

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ବିକଶିତ ରାଷ୍ଟ୍ରର ଲକ୍ଷ୍ୟ ହାସଲ ନିମନ୍ତେ ଗବେଷଣା ଓ ନବସୃଜନ ଗୁରୁତ୍ୱପୂର୍ଣ୍ଣ; କହିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।
- ମହାରାଷ୍ଟ୍ରରେ ମରାଠାୱାଡ଼ା ଅଞ୍ଚଳରେ ୮୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜିନିବେଶ ହୋଇଥିବା; ସୂଚନା ଦେଲେ ପ୍ରଧାନମନ୍ତ୍ରୀ
- ଝାଡ଼ଖଣ୍ଡରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଜୋରଦାର ।
- ଆସନ୍ତାକାଲି ଆନୁଷ୍ଠାନିକ ଭାବେ ଅବସର ଗ୍ରହଣ କରିବେ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ ।

ଏବଂ

- 'କ୍ୟୁଏସ୍ ୱାଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗ୍ ଏସିଆ' ତାଲିକାରେ ଶ୍ରେଷ୍ଠ ୧୦୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ୭ଟି ଶିକ୍ଷା ଅନୁଷ୍ଠାନ ।

# ଭିପି-ଏନ୍ଆଇଟି

ଏକ ବିକଶିତ ରାଷ୍ଟ୍ରର ଲକ୍ଷ୍ୟ ହାସଲ ନିମନ୍ତେ ଗବେଷଣା ଓ ନବସୃଜନ ଗୁରୁତ୍ୱପୂର୍ଣ୍ଣ ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି। ନୂଆଦିଲ୍ଲୀରେ ଆଜି ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ଚତୁର୍ଥ ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କରି ଶ୍ରୀ ଧନଖଡ଼ ଗବେଷଣା ଓ ନବସୃଜନ କ୍ଷେତ୍ରରେ ଦେଶ କେତେ ଉଚ୍ଚ ସ୍ଥାନରେ ରହିଛି ତାହା ଉପରେ ଆଲୋକପାତ କରିଥିଲେ। ଯାହା ବିଶ୍ୱ ସମୁଦାୟ ପାଇଁ ଏହାର ଦକ୍ଷତାକୁ ପ୍ରତିପାଦିତ କରିପାରିବ। ଶିକ୍ଷାନୁଷ୍ଠାନଗୁଡ଼ିକ ନବସୃଜନ ଓ ଗବେଷଣାର କେନ୍ଦ୍ରବିନ୍ଦୁ ଭାବେ ନିଜର ସାମର୍ଥ୍ୟକୁ ଉପଯୋଗ କରିବାକୁ ସେ ଅନୁରୋଧ କରିଥିଲେ। କର୍ପୋରେଟ ସଂସ୍ଥାଗୁଡ଼ିକ ଏହି ଅଭିଯାନରେ ଆର୍ଥିକ ସହାୟତା ପ୍ରଦାନ କରି ସହଯୋଗ କରିବାକୁ ଶ୍ରୀ ଧନଖଡ଼ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଥିଲେ। ବାଣିଜ୍ୟ, ଉଦ୍ୟୋଗ ଓ ବ୍ୟବସାୟ ସଙ୍ଗଠନଗୁଡ଼ିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଏବଂ ଆର୍ଥିକ ଯୋଗଦାନ ମାଧ୍ୟମରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ସେ ଗୁରୁତ୍ୱ ପ୍ରଦାନ କରିଥିଲେ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ଶିକ୍ଷାକ୍ଷେତ୍ରରେ ପୁଞ୍ଜିନିବେଶ ହେଉଛି ସମାଜର ସେବା କରିବାର ସବୁଠାରୁ ପ୍ରଭାବଶାଳୀ ପଦକ୍ଷେପ। ଏହା ମାନବ ସମ୍ବଳକୁ ସମୃଦ୍ଧ କରିଥାଏ ଏବଂ ସମାଜର

ବର୍ତ୍ତମାନ ଓ ଭବିଷ୍ୟତକୁ ସୁରକ୍ଷିତ ରଖିଥାଏ । ଶିକ୍ଷାର ମୂଳରେ ରହିଛି ସମାଜ ସେବା। ଶିକ୍ଷାକୁ ବ୍ୟବସାୟ ଭିତ୍ତିରେ ଦେଖିବା ଉଚିତ ନୁହେଁ। ଏହା ଏକ ଦାୟିତ୍ୱ, କର୍ତ୍ତବ୍ୟ, ସମାଜକୁ ପୁନର୍ବାର ଯୋଗଦାନ କରିବା ପାଇଁ ଏକ ଈଶ୍ୱରୀୟ ଆହ୍ୱାନ ବୋଲି ଶ୍ରୀ ଧନଖଡ଼ କହିଛନ୍ତି।

## ମହା- ପିଏମ୍ ର୍ୟାଲି

ମହାରାଷ୍ଟ୍ରର ମରାଠାୱାଡ଼ା ଅଞ୍ଚଳର ବିକାଶ ପାଇଁ ମହାୟୁତି ସରକାର ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଛନ୍ତି ବୋଲି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନାନ୍ଦେଡ଼ଠାରେ ଆୟୋଜିତ ଏକ ରାଲିକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଗତ ଅଢ଼େଇ ବର୍ଷ ମଧ୍ୟରେ ମରାଠାୱାଡା ଅଞ୍ଚଳରେ ୮୦ ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ହୋଇଛି। ସେ ଏହି ଅଞ୍ଚଳର ୧୧ଟି ଜଳସେଚନ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ନାନ୍ଦେଡ଼ର ପାଞ୍ଚ ଲକ୍ଷରୁ ଅଧିକ ହିତାଧିକାରୀ ପିଏମ୍ କିଷାନ ସମ୍ମାନ ନିଧି ସମେତ ବିଭିନ୍ନ ଯୋଜନା ଅଧୀନରେ ୧ କୋଟି ୫୦ ଲକ୍ଷ ଟଙ୍କା ପାଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି। ଦିଲ୍ଲୀ-ମୁମ୍ବାଇ ଶିଳ୍ପ କରିଡର, ରେଳ କୋଚ୍ ଫ୍ୟାକ୍ଟ୍ରି, ଲଜିଷ୍ଟିକ୍ ପାର୍କ, ସମୃଦ୍ଧି ରାଜପଥ, ଶକ୍ତିପୀଠ ଏକ୍ସପ୍ରେସୱେ ଏବଂ ନାନ୍ଦେଡରୁ ଦିଲ୍ଲୀ ଏବଂ ଆଦମପୁରକୁ ନୂତନ ବିମାନ ଚଳାଚଳ ଉପରେ ସେ ଗୁରୁତ୍ୱାରୋପ କରିବା ସହ ଅନେକ ଗୁଡ଼ିଏ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଆସ୍ଥା ପ୍ରକଟ କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ହରିୟାଣାରେ ବିଜେପି ସଂଖ୍ୟା

ଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ସୂଚନାଯୋଗ୍ୟ, ଆସନ୍ତା ୨୦ତାରିଖରେ ବିଧାନସଭା ନିର୍ବାଚନ ସହିତ ନାନ୍ଦେଡ଼ ଲୋକସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ।

## ଝାଡ଼ଖଣ୍ଡ– କ୍ୟାମ୍ପେନ୍

ଝାଡ଼ଖଣ୍ଡରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁଙ ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି। ଉଭୟ ଏନ.ଡି.ଏ ଓ ଆଇ.ଏନ.ଡି.ଆଇ.ଏ ଗୋଷ୍ଠୀର ନେତାମାନେ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ପାଲାମୁ ଛତ୍ରପୁରଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ବରିଷ୍ଠ ବିଜେପି ନେତା ଅମିତ ଶାହା' କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପଛୁଆବର୍ଗ, ଦଳିତ  ଏବଂ ଆଦିବାସୀ ବିରୋଧୀ ବୋଲି ସମାଲୋଚନା କରିଛନ୍ତି।

ଜେଏମଏମର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ତାଙ୍କ ସରକାର ଝାଡଖଣ୍ଡର ସର୍ବାଙ୍ଗୀନ ବିକାଶ ପାଇଁ ବହୁତ କିଛି କରିଛି ବୋଲି ପ୍ରଚାର ବେଳେ କହିଛନ୍ତି। ଆରଜେଡି, ଏଜେଏସୟୁ ଏବଂ ବାମପନ୍ଥୀ ଦଳର ନେତାମାନେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିଛନ୍ତି। ସୂଚନାଯୋଗ୍ୟ, ୮୧ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ପାଇଁ ଚଳିତ ମାସ ୧୩ ଓ ୨୦ ତାରିଖରେ ଦୁଇଟି

ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ ନଭେମ୍ବର ୨୩ ତାରିଖରେ ଭୋଟ ଗଣତି ହେବ।

## ହରିୟାଣା- ଡ୍ୟାପ୍

ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନି ଆଜି କହିଛନ୍ତି, ରାଜ୍ୟ ସରକାର ସାର ଉପଲବ୍ଧତା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ରାଜ୍ୟରେ ଡିଏପି ସାରର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବାକୁ ତାଙ୍କ ସରକାର ପ୍ରତିଶ୍ରୁତିବଦ୍ଧ। ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକମାନେ ରବି ଫସଲ କରିବାରେ ଯେପରି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେ ଦିଗରେ ପଦକ୍ଷେପ ନିଆଯିବ। ଆଜି ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୨୩ ହଜାର ୧୧୮ ମେଟ୍ରିକ୍ ଟନ୍ ଡିଏପି ସାର ମହଜୁଦ ରହିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୯,୧୭୨ ମେଟ୍ରିକ୍ ଟନ୍ ଅଧିକ ଡିଏପି ମିଳିବ ବୋଲି ସେ କହିଛନ୍ତି।

## ସିଜେଆଇ-ଫେୟାରୱେଲ୍

ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଆସନ୍ତାକାଲି ଆନୁଷ୍ଠାନିକ ଭାବେ ସୁପ୍ରିମକୋର୍ଟରୁ ଅବସର ଗ୍ରହଣ କରିବେ । ଜଷ୍ଟିସ୍ ସଂଜୀବ ଖାନ୍ନା ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ । ଅନେକ ଐତିହାସିକ ରାୟ ପ୍ରଦାନ କରିଥିବା ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କର ଗତକାଲି କୋର୍ଟରେ ଶେଷ କାର୍ଯ୍ୟଦିବସ ଥିଲା । ଜଷ୍ଟିସ୍

ଚନ୍ଦ୍ରଚୂଡ଼ ପ୍ରଦାନ କରିଥିବା ରାୟ ଗୁଡ଼ିକ ମଧ୍ୟରେ ଅଯୋଧ୍ୟା ଜମି ବିବାଦ, ସହମତି କ୍ରମେ ସମଲିଙ୍ଗୀ ଯୌନ ସଂପର୍କକୁ ଅପରାଧମୁକ୍ତ କରିବା ଏବଂ ଅବିବାହିତ ମହିଳାଙ୍କ ପାଇଁ ଗର୍ଭପାତ ଅଧିକାର ଆଦି ଅନ୍ତର୍ଭୁକ୍ତ । ୨୦୧୬ରେ ସୁପ୍ରିମକୋର୍ଟକୁ ବିଚାରପତି ଭାବେ ପଦୋନ୍ନତି ପାଇବା ପରେ ୨୦୨୨ ନଭେମ୍ବର ୧୧ ତାରିଖରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ୧ ହଜାର ୨୭୫ଟି ଖଣ୍ଡପୀଠରେ ମାମଲାଗୁଡ଼ିକର ଶୁଣାଣି କରିଛନ୍ତି । ବିଦାୟୀ  ଭାଷଣରେ ଗତକାଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପରବର୍ତ୍ତୀ ପ୍ରଧାନ ବିଚାରପତି ଜଷ୍ଟିସ୍ ଖାନ୍ନାଙ୍କୁ ଜଣେ ସ୍ଥିର ଏବଂ ଦକ୍ଷ ବ୍ୟକ୍ତିତ୍ୱ ଭାବେ ପ୍ରଶଂସା କରିଛନ୍ତି ।

## କ୍ୟୁଏସ୍ ୟୁନିଭର୍ସିଟି ର୍‍ୟାଙ୍କିଂ

'କ୍ୟୁଏସ୍ ଓ୍ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗ୍: ଏସିଆ ୨୦୨୫' ତାଲିକାରେ ଶ୍ରେଷ୍ଠ ୧୦୦ଟି ବିଶ୍ୱବିଦ୍ୟାଳୟ ମଧରେ ୭ଟି ଭାରତୀୟ ଶିକ୍ଷାନୁଷ୍ଠାନ ସ୍ଥାନ ହାସଲ କରିଛି। ଶ୍ରେଷ୍ଠ ୫୦ଟି ଶିକ୍ଷା ଅନୁଷ୍ଠାନ ମଧ୍ୟରୁ ଭାରତର ଦୁଇଟି ବିଶ୍ୱବିଦ୍ୟାଳୟ ଏବଂ ଶ୍ରେଷ୍ଠ ୧୦୦ଟି ମଧରେ ୭ଟି ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଦିଲ୍ଲୀ ୪୪ତମ ସ୍ଥାନରେ ରହିଛି।

ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ସଂସ୍କରଣ ସମଗ୍ର ମହାଦେଶରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଭାରତର ସ୍ଥିତିକୁ ପ୍ରଦର୍ଶିତ କରିଛି। ଆଇ.ଆଇ.ଟି ବମ୍ବେ ୪୮ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ୧୦୦ଟି ଶିକ୍ଷା ଅନୁଷ୍ଠାନ ମଧ୍ୟରେ ଆଇଆଇଟି ମାଡ୍ରାସ, ଆଇଆଇଟି ଖଡ଼୍ଗପୁର, ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ, ଆଇଆଇଟି କାନପୁର ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ରହି ଭାରତର ଉତ୍ତମ ଶୈକ୍ଷିକ ସ୍ଥିତି ଦର୍ଶାଉଛି। ଆଇଆଇଟି ଗୁଆହାଟୀ, ଆଇଆଇଟି ରୁର୍କି, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ, ୟୁପିଇଏସ୍ ଏବଂ ଭେଲୋର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭଳି ଶିକ୍ଷା ଅନୁଷ୍ଠାନ ଶ୍ରେଷ୍ଠ ୧୫୦ ଅନୁଷ୍ଠାନ ମଧ୍ୟରେ ରହିଛନ୍ତି। ପୂର୍ବ, ଦକ୍ଷିଣ, ଦକ୍ଷିଣ-ପୂର୍ବ ଏବଂ ମଧ୍ୟ ଏସିଆର ୨୫ଟି ଦେଶର ୯୮୪ଟି ଅନୁଷ୍ଠାନର ମୂଲ୍ୟାଙ୍କନ କରାଯାଇଛି।

## ମୁମ୍ବାଇ ବସ୍ ଆକ୍ସିଡେଣ୍ଟ

ମୁମ୍ବାଇ-ପୁଣେ ଏକ୍ସପ୍ରେସ ରାଜପଥରେ ଆଜି ଏକ ବସ୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାଫଳରେ ୧୮ ଜଣ ଆହତ ହୋଇଛନ୍ତି। ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ଖୋପୋଲି ନିକଟରେ ଆଜି ସକାଳେ ବସ୍‌ଟି ନିୟନ୍ତ୍ରଣ ହରାଇ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ବସ୍‌ଟି ମୁମ୍ବାଇରୁ କୋହ୍ଲାପୁର ଅଭିମୁଖେ ଯାଉଥିଲା। ଆହତମାନଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଜାପାନ-ଇନ୍‌ଫ୍ଲୁଏଞ୍ଜା

ଜାପାନରେ ଭୂତାଣୁ ଜନିତ ସଂକ୍ରମଣ ମାମଲା ବୃଦ୍ଧି ପାଇଛି । ଜାପାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ନଭେମ୍ବର ୩ ତାରିଖରେ ଶେଷ ହୋଇଥିବା ସପ୍ତାହରେ ସମୁଦାୟ ୫ ହଜାର ୧୨୭ ଭୂତାଣୁ ଜନିତ ମାମଲା ଚିହ୍ନଟ ହୋଇଛି । ଯାହାକି ପୂର୍ବ ସପ୍ତାହ ତୁଳନାରେ ୮୨୯ ଅଧିକ । ବାରମ୍ବାର ହାତ ଧୋଇବା, ଉପଯୁକ୍ତ ମାସ୍କ ବ୍ୟବହାର ଏବଂ ଟିକାକରଣ ଆଦି ମୌଳିକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଅଧିକାରୀମାନେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

# ଅଷ୍ଟ୍ରେଲିଆ-ସେଲର

ଅଷ୍ଟ୍ରେଲିଆର ପୂର୍ବ ଉପକୂଳ ସିଡନୀ ନିକଟରେ  ଏକ ମାଲବାହୀ ଜାହାଜରୁ ଖସି ପଡ଼ିଥିବା ଜଣେ ନାବିକ ସମୁଦ୍ରରେ ଫସି ରହିବାର ପ୍ରାୟ ୨୪ ଘଣ୍ଟା ପରେ ଜୀବିତ ଉଦ୍ଧାର ହୋଇଛନ୍ତି । ଗୁରୁବାର ରାତିରେ ସିଡ୍‌ନୀର ଉତ୍ତରରେ ଥିବା ଏକ ବନ୍ଦର ସହର ନ୍ୟୁକାସଲ ଉପକୂଳବର୍ତ୍ତୀ ସିଙ୍ଗାପୁରସ୍ଥିତ ବଲ୍କ କ୍ୟାରିୟର ଡବଲ ଡିଲାଇଟ୍ ଜାହାରେ ଏହି ବ୍ୟକ୍ତି ଜଣକ ଯାତ୍ରା କରିଥିଲେ । ଜଣେ ମତ୍ସ୍ୟଜୀବୀ ତାଙ୍କୁ ଉଦ୍ଧାର କରିଥିବା କର୍ତ୍ତୃପକ୍ଷ ଆଜି ନିଶ୍ଚିତ କରିଛନ୍ତି । ଗତକାଲି ନାବିକଙ୍କୁ ଖୋଜିବା ପାଇଁ ଦୁଇଟି ଡଙ୍ଗା, ୨ଟି ହେଲିକପ୍‌ଟର ଓ ଗୋଟିଏ ବିମାନକୁ ନେଇ ବଡ଼ ଅପରେସନ ଆରମ୍ଭ ହୋଇଥିଲା ।

# ବିଲିୟାର୍ଡସ- ଆଇବିଏସ୍ଏଫ୍

ଭାରତର ପଙ୍କଜ ଆଡଭାନୀ ଆଇ.ବି.ଏସ୍.ଏଫ୍ ବିଶ୍ୱ ବିଲିୟର୍ଡସ ଚାମ୍ପିୟନଶିପ୍ ୧୫୦ ଅପ୍ ଫର୍ମାଟ ଟାଇଟଲ ବିଜୟୀ ହୋଇଛନ୍ତି। କତାରର ଦୋହାଠାରେ ଆଜି ଅପରାହ୍ନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମୁକାବିଲାରେ ପଙ୍କଜ ଆଡ୍‌ଭାନୀ ଇଂଲଣ୍ଡର ରବର୍ଟ ହଲ୍‌ଙ୍କୁ ପରାସ୍ତ କରିଛନ୍ତି। ଗତକାଲି ସେମିଫାଇନାଲରେ ପଙ୍କଜ' ସୌରଭ କୋଠାରୀଙ୍କୁ ୪-୨ ଗୋଲରେ ପରାସ୍ତ କରିଥିଲେ। ସୌରଭ କାଂସ୍ୟ ପଦକ ହାସଲ କରିଛନ୍ତି।